# Visit of Prime Minister of Nepal, H.E. Mr. Sher Bahadur Deuba to India (April 01-03, 2022)

April 02, 2022

## ନେପାଳର ପ୍ରଧାନମନ୍ତ୍ରୀ ମାନ୍ୟବର ଶ୍ରୀ ଶେର୍ ବାହାଦୁର ଦେଉବାଙ୍କ ଭାରତ ଗସ୍ତ (01-03 ଏପ୍ରିଲ 2022)

ଏପ୍ରିଲ 02, 2022

1. ଭାରତର ପ୍ରଧାନମନ୍ତ୍ରୀ ମାନ୍ୟବର ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଆମନ୍ତ୍ରଣ କ୍ରମେ ନେପାଳର ପ୍ରଧାନମନ୍ତ୍ରୀ ଶ୍ରୀ ଶେର୍ ବାହାଦୁର ଦେଉବା ତାଙ୍କ ପତ୍ନୀ ଡକ୍ଟର ଅର୍ଜୁ ରାଣା ଦେଉବାଙ୍କ ସହ 01-03 ଏପ୍ରିଲ 2022 ଭାରତ ଗସ୍ତରେ ଆସିଛନ୍ତି।

2. ପ୍ରଧାନମନ୍ତ୍ରୀ ଭାବରେ ଭାରତକୁ ଏହା ହେଉଛି ପଞ୍ଚମ ଗସ୍ତ ଏବଂ ଜୁଲାଇ 2021 ରେ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ତାଙ୍କର ପ୍ରଥମ ଦ୍ୱିପାକ୍ଷିକ ଗସ୍ତ। ଏହି ଗସ୍ତ ସମୟରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ନାରାୟଣ ଖଡ୍କା, ଶକ୍ତି ଓ ଜଳସମ୍ପଦ ମନ୍ତ୍ରୀ ଶ୍ରୀମତୀ ପମ୍ପା ଭୁସାଲ, ସ୍ୱାସ୍ଥ୍ୟ ଓ ଜନସଂଖ୍ୟା ମନ୍ତ୍ରୀ ଶ୍ରୀ ଭୀରୋଧ ଖତିୱାଡା, କୃଷି ଓ ପଶୁଧନ ବିକାଶ ମନ୍ତ୍ରୀ ମହିନ୍ଦ୍ରା ରାୟ ଯାଦବଙ୍କୁ ନେଇ ଏକ ପ୍ରତିନିଧି ଦଳ ପ୍ରଧାନମନ୍ତ୍ରୀଙ୍କ ସହିତ ଆସିଛନ୍ତି।

3. ଉଭୟ ପ୍ରଧାନମନ୍ତ୍ରୀ 02 ଏପ୍ରିଲ 2022 ରେ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ। ରାଜନୈତିକ, ଅର୍ଥନୈତିକ, ବାଣିଜ୍ୟ, ଶକ୍ତି, ସୁରକ୍ଷା ଏବଂ ବିକାଶ ପ୍ରସଙ୍ଗ ଉପରେ ସେମାନେ ଦ୍ୱିପାକ୍ଷିକ ଏଜେଣ୍ଡାର ସମସ୍ତ ଦିଗର ସମୀକ୍ଷା କରିଥିଲେ। ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା ଶ୍ରୀ ଅଜିତ ଡୋଭାଲ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ଦେଉବାଙ୍କୁ ଭେଟିଥିଲେ।

4. ବିଦ୍ୟୁତ ଶକ୍ତି କ୍ଷେତ୍ରରେ ପାରସ୍ପରିକ ଲାଭଦାୟକ ସହଯୋଗ ପାଇଁ ଅପାର ସୁଯୋଗ ବିଷୟରେ ଉଭୟ ପ୍ରଧାନମନ୍ତ୍ରୀ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ବିଦ୍ୟୁତ ଶକ୍ତି କ୍ଷେତ୍ରରେ ସହଯୋଗ ଉପରେ ଏକ ମିଳିତ ଭିଜନ ଷ୍ଟେଟମେଣ୍ଟ ଚୂଡାନ୍ତ ହୋଇଥିଲା ଯାହା ବିଦ୍ୟୁତ ଶକ୍ତି ଉତ୍ପାଦନ, ଟ୍ରାନ୍ସମିସନ ଏବଂ ବାଣିଜ୍ୟରେ ସହଭାଗୀ ପ୍ରତିବଦ୍ଧତାକୁ ବର୍ଣ୍ଣନା କରିବା ସହିତ ଉଭୟ ଦେଶ ପାଇଁ ଲାଭଦାୟକ ସୁଯୋଗକୁ ବର୍ଣ୍ଣନା କରିଛି। ଭାରତ ଦ୍ୱାରା ଦିଆଯାଇଥିବା ଋଣ ସହାୟତାରେ ନିର୍ମିତ 90 କିଲୋମିଟର ଲମ୍ବା 132 କେଭିଡିସି ସୋଲୁ କରିଡର ଟ୍ରାନ୍ସମିସନ ଲାଇନ ଏବଂ ସବଷ୍ଟେସନକୁ ଉଭୟ ପ୍ରଧାନମନ୍ତ୍ରୀ ମିଳିତ ଭାବେ ଉଦ୍ଘାଟନ କରିଥିଲେ।  ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର) କୁ ଶୀଘ୍ର ଚୂଡାନ୍ତ କରିବା ସମେତ ପଞ୍ଚେଶ୍ୱର ବହୁମୁଖୀ ପ୍ରକଳ୍ପର କାର୍ଯ୍ୟାନ୍ୱୟନରେ ଅଗ୍ରଗତିକୁ ତ୍ୱରାନ୍ୱିତ କରିବାକୁ ଉଭୟ ପକ୍ଷ ସହମତ ହୋଇଥିଲେ।

5. ନେପାଳର ପ୍ରଧାନମନ୍ତ୍ରୀ ଭାରତକୁ ବିପୁଳ ପରିମାଣର ବିଦ୍ୟୁତ ଶକ୍ତି ରପ୍ତାନି ପାଇଁ ନେପାଳ ବିଦ୍ୟୁତ ପ୍ରାଧିକରଣକୁ ଦିଆଯାଇଥିବା ନୂତନ ଅନୁମୋଦନକୁ ପ୍ରଶଂସା କରିଥିଲେ। ସେ ଆହୁରି ମଧ୍ୟ ନେପାଳର ଜଳ ବିଦ୍ୟୁତ ବିକାଶ ପ୍ରକଳ୍ପରେ ଭାରତୀୟ କମ୍ପାନୀଗୁଡିକର ଅଧିକ ଭାଗିଦାରୀ ପାଇଁ ଆମନ୍ତ୍ରଣ କରିଥିଲେ। ନେପାଳରେ 900 ମେଗାୱାଟ ଅରୁଣ-3 ଜଳ ବିଦ୍ୟୁତ ପ୍ରକଳ୍ପରେ ଅଗ୍ରଗତି ଉପରେ ମଧ୍ୟ ଆଲୋଚନା ହୋଇଥିଲା।

6. ଆନ୍ତର୍ଜାତିକ ସୌର ମେଣ୍ଟ (ଆଇଏସଏ) ରେ ଯୋଗଦେବା ପାଇଁ ନେପାଳର ନିଷ୍ପତ୍ତିକୁ ପ୍ରଧାନମନ୍ତ୍ରୀ ମୋଦୀ ସ୍ୱାଗତ କରିଥିଲେ। ନେପାଳ 01 ଏପ୍ରିଲ 2022 ରେ ଆଇଏସଏର ଫ୍ରେମୱାର୍କ ଚୁକ୍ତିନାମାକୁ ସ୍ୱାକ୍ଷର କରି ଏହି ମେଣ୍ଟର 105 ତମ ଦେଶ ହୋଇଛି।

7. ଉଭୟ ପ୍ରଧାନମନ୍ତ୍ରୀ ଅର୍ଥନୈତିକ ଓ ବାଣିଜ୍ୟିକ ଏଜେଣ୍ଡା ଉପରେ ମଧ୍ୟ ମତ ବିନିମୟ କରିଥିଲେ ଏବଂ ବାଣିଜ୍ୟ, ନିବେଶ ଏବଂ ସଂଯୋଗୀକରଣ ସମ୍ପର୍କକୁ ଆହୁରି ଗଭୀର ତଥା ସୁଗମ କରିବା ପାଇଁ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି ନେଇଥିଲେ। ଭାରତରୁ ନେପାଳକୁ ସାର ଯୋଗାଣର ଦୀର୍ଘମିଆଦୀ ବ୍ୟବସ୍ଥା ପାଇଁ ଜି-ଟୁ-ଜି ଚୁକ୍ତିନାମାର ସମ୍ପ୍ରତି ଚୂଡାନ୍ତକରଣ ତଥା ଭାରତରୁ ନେପାଳକୁ ପେଟ୍ରୋଲିୟମ ସାମଗ୍ରୀ ଯୋଗାଣ ପାଇଁ ପାଞ୍ଚ ବର୍ଷିଆ ସାଧାରଣ ଯୋଗାଣ ଚୁକ୍ତିନାମାର ନବୀକରଣକୁ ଉଭୟ ପ୍ରଧାନମନ୍ତ୍ରୀ ସ୍ୱାଗତ କରିଥିଲେ।

8. ବିସ୍ତୃତ ଓ ଦୃଢ଼ ଦ୍ୱିପାକ୍ଷିକ ବିକାଶ ସହଭାଗୀତା ଉପରେ ଉଭୟ ନେତା ଆଲୋଚନା କରିଥିଲେ। ସେମାନେ ଜୟନଗର-କୁର୍ଥା-ବିଜଲପୁର-ବର୍ଡିବାସ, ଜୋଗବାଣୀ-ବିରାଟନଗର ଏବଂ ରାକ୍ସଲ-କାଠମାଣ୍ଡୁକୁ ସଂଯୋଗ କରୁଥିବା ସୀମାପାର ରେଳ-ଲିଙ୍କ୍ ପ୍ରକଳ୍ପ ସମେତ ନେପାଳରେ ଭାରତୀୟ ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ଅଗ୍ରଗତିର ସମୀକ୍ଷା କରିଥିଲେ। ଏକ ଐତିହାସିକ ମାଇଲଖୁଣ୍ଟ ଭାବରେ ଜୟନଗର-କୁର୍ଥା କ୍ଷେତ୍ରରେ ଭାରତ ଏବଂ ନେପାଳକୁ ସଂଯୋଗ କରୁଥିବା ପ୍ରଥମ ବ୍ରଡ-ଗେଜ୍ ଯାତ୍ରୀବାହୀ ରେଳ ସେବା ଦୁଇ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା। ଭାରତ ସରକାରଙ୍କ ଅନୁଦାନରେ ଜୟନଗର-କୁର୍ଥା ରେଳ ଲିଙ୍କ ନିର୍ମିତ ହୋଇଛି।

9. କାଭ୍ରେପାଲନଚୌକଠାରେ ଜାତୀୟ ପୋଲିସ ଏକାଡେମୀ ଏବଂ ନେପାଳଗଞ୍ଜ ଓ ଭୈରାହାୱାଠାରେ ଇଣ୍ଟିଗ୍ରେଟେଡ୍ ଚେକପୋଷ୍ଟ ଏବଂ ରାମାୟଣ ସର୍କିଟ ଅନ୍ତର୍ଗତ ପ୍ରକଳ୍ପଗୁଡିକ ସମେତ ଭାରତ ସହାୟତାରେ ନିର୍ମିତ ସମସ୍ତ ପ୍ରକଳ୍ପଗୁଡିକୁ ଯଥା ସମୟରେ ସମାପ୍ତ କରିବା ତଥା ଅନ୍ୟ ଅସୁବିଧାର ସମାଧାନ କରିବାରେ ନେପାଳ ସରକାରଙ୍କ ସମ୍ପୂର୍ଣ୍ଣ ସହଯୋଗ ପାଇଁ ପ୍ରଧାନମନ୍ତ୍ରୀ ଦେଉବା ପ୍ରତିଶ୍ରୁତି ଦେଇଥିବାରୁ ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ଦେଉବାଙ୍କୁ ଏହା ମଧ୍ୟ ସୂଚିତ କରାଯାଇଥିଲା ଯେ ଭାରତର 'ଆଜାଦୀ କା ଅମୃତ ମହୋତ୍ସବ' ଉପଲକ୍ଷେ ଭାରତ ଚଳିତ ବର୍ଷ ନେପାଳରେ 75 ଟି ବିକାଶମୂଳକ ପ୍ରକଳ୍ପର ଉଦଘାଟନ କରିବ।

10. ଦୁଇ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ମିଳିତ ଭାବେ ନେପାଳରେ ଭାରତୀୟ ରୁପେ କାର୍ଡର ପ୍ରଚଳନ ଆରମ୍ଭ କରାଯାଇଥିଲେ। ଆର୍ଥିକ ସଂଯୋଗୀକରଣରେ ସହଯୋଗ ପାଇଁ ଏହା ନୂତନ ସୁଯୋଗ ପ୍ରଦାନ କରିବ ଏବଂ ଦ୍ୱିପାକ୍ଷିକ ପର୍ଯ୍ୟଟକ ପ୍ରବାହକୁ ସୁଗମ କରିବା ସହିତ ଭାରତ ଏବଂ ନେପାଳ ମଧ୍ୟରେ ଲୋକମାନଙ୍କ ମଧ୍ୟରେ ସମ୍ପର୍କକୁ ଆହୁରି ମଜବୁତ କରିବ ବୋଲି ଆଶା କରାଯାଉଛି।

11. ପ୍ରଧାନମନ୍ତ୍ରୀ ଦେଉବା 03 ଏପ୍ରିଲ 2022 ରେ ବାରାଣାସୀ ଗସ୍ତ କରିବେ। ଏହି ସହର ଦୁଇ ଦେଶ ମଧ୍ୟରେ ଗଭୀର ଧାର୍ମିକ ଓ ସାଂସ୍କୃତିକ ସମ୍ପର୍କର ପ୍ରତୀକ ଅଟେ। ବାରାଣାସୀରେ ତାଙ୍କୁ ଉତ୍ତରପ୍ରଦେଶର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ଯୋଗୀ ଆଦିତ୍ୟନାଥ ସ୍ୱାଗତ କରିବେ ଏବଂ ସେଠାରେ ରହଣି ସମୟରେ ତାଙ୍କର ସାଥ ଦେବେ।

12. ନେପାଳ ସହିତ ଭାରତର ସମ୍ପର୍କ ଏହାର 'ପଡ଼ୋଶୀ ପ୍ରଥମ' ନୀତିର ଏକ ମୁଖ୍ୟ ସ୍ତମ୍ଭ ଅଟେ। ନେପାଳର ପ୍ରଧାନମନ୍ତ୍ରୀଙ୍କ ଭାରତ ଗସ୍ତ ଦୁଇ ଦେଶ ମଧ୍ୟରେ ବନ୍ଧୁତ୍ୱ ଓ ସହଯୋଗର ପାରମ୍ପରିକ ତଥା ବର୍ଷ ବର୍ଷର ସମ୍ପର୍କକୁ ଆହୁରି ସୁଦୃଢ଼ କରିବାରେ ସହାୟକ ହେବ। ଦୁଇ ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ବ୍ୟାପକ ଓ ଫଳପ୍ରଦ କଥାବାର୍ତ୍ତା ଉଚ୍ଚସ୍ତରୀୟ ଦିଗ ପ୍ରଦାନ କରିଛି ଏବଂ ଏକାଧିକ କ୍ଷେତ୍ରରେ ବିଶେଷ କରି ଶକ୍ତି ଓ ସଂଯୋଗୀକରଣ ସମ୍ବନ୍ଧୀୟ ଦ୍ୱିପାକ୍ଷିକ ସହଯୋଗ ପାଇଁ ଏକ ଦୃଢ଼ ଏଜେଣ୍ଡାକୁ ଆକାର ପ୍ରଦାନ କରିଛି।

13. ଏହି ଗସ୍ତର ଫଳାଫଳର ଏକ ତାଲିକା ଏହି ଲିଙ୍କରେ ଉପଲବ୍ଧ: https://cutt.ly/QDCVK9w

**ନୂଆଦିଲ୍ଲୀ**

**ଏପ୍ରିଲ 02, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.